**ଡିଜେ ଜବତ କଲା ପୋଲିସ**

ଛତ୍ରପୁର, (ଡି.ଏନ.ଏ): ବିବାହ ପ୍ରୋଶେସନ ଚାଲିଥିବା ବେଳେ ଏକ ଡିଜେ ସେଟ ସହ ଗାଡିକୁ ଛତ୍ରପୁର ଥାନା ପୋଲିସ ଜବତ କରିଛି। ବୁଧବାର ରାତିରେ ପୁରୁଣାଛତ୍ରପୁର ଗ୍ରାମରେ ଏକ ବିବାହ ପ୍ରୋଶେସନ ଚାଲିଥିଲା। ଅତ୍ୟାଧିକ ସାଉଣ୍ଡ ବାଜିବା ସହ ନିର୍ଦ୍ଧାରିତ ସମୟ ଠାରୁ ଅଧିକ ସମୟ ହୋଇଯାଇଥିବାରୁ ଛତ୍ରପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଡିଜେ ସେଟ ସହ ଗାଡିକୁ ଜବତ କରିଥିବା ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି।

## ଆଜି କ'ଣ କେଉଁଠି

ଭଞ୍ଜନଗର

- ବିଜେଡି କର୍ମୀ ସମ୍ମିଳନୀ। ସ୍ଥାନ: ଜଳସମ୍ପଦ ବିଭାଗ ଆମ୍ବତୋଟା, ସମୟ: ପୂର୍ବାହ୍ନ ୧୧ଟା ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର

**ଅଭିଯୁକ୍ତ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ**

**ବ୍ରହ୍ମପୁର ଅଫିସ,୪।୨:** ଗଞ୍ଜାମ ଜିଲାରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ବଡ଼ବଜାର ଥାନା ଅଞ୍ଚଳର ଜଣେ ସାତ ବର୍ଷ ନାବାଳିକାଙ୍କୁ ତାଙ୍କ ବାପା ବଳାତ୍କାର କରିଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଏକ ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକ ସେଠାରେ ଜମା ହୋଇଯାଇଥିଲେ। ଲୋକମାନଙ୍କୁ ଦେଖି ଅଭିଯୁକ୍ତ ଜଣଙ୍କ ସେ ପିନ୍ଧିଥିବା ଏକ ପଇତା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ପୋଲିସ କହିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପୋଲିସ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଛି । ପୋଲିସ ସେଠାରେ ତାଙ୍କୁ ଜଗି ରହିଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ଗୁରୁବାର ସୂଚନା ଦେଇଛନ୍ତି। ସେହିପରି ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି ବୋଲି ପୋଲିସ କହିଛି।

ଘଟଣାରୁ ପ୍ରକାଶ, ବୁଧବାର ସନ୍ଧ୍ୟାରେ ଆଇଘରେ ରହୁଥିବା ଜଣେ ନାବାଳିକା ଝିଅକୁ ତାଙ୍କ ବାପା ସେଠାରେ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ପୋଲିସ ଏନେଇ ନଂ. ୩୮/୨୧ରେ ମାମଲା ରୁଜୁ କରିଛି। ବଡ଼ ମେଡିକାଲରେ ଚିକିତ୍ସା ହେଉଥିବା ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଲେ ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

### ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର



**ବୁଗୁଡ଼ା,୪।୨(ଡି.ଏନ.ଏ.):** ବୁଗୁଡ଼ା ଥାନା ରାମଣ୍ଡା ଗାଁ ରାସ୍ତା କଡରେ ଖୋଲାମେଲାରେ ବିଦ୍ୟୁତ ଟ୍ରାନ୍ସଫରମର ରହିଛି। ସେଥିରେ ପୁଣି ଲଟାବୁଦା ଭର୍ତ୍ତି ହୋଇଛି। ଫଳରେ ବର୍ଷା ହେଲେ ଉକ୍ତ ଲଟାବୁଦାରେ ବିଦ୍ୟୁତ ପ୍ରବାହ ହେଉଛି। ଉକ୍ତ ରାସ୍ତା ଦେଇ ଲୋକେ ଯାତାୟତ କରୁଥିବାରୁ ସବୁବେଳେ ବିପଦ ଆଶଙ୍କା ରହୁଛି। ଗୁରୁବାର ଦୁଇଟି ଗାଈ ବିଦ୍ୟୁତ ଆଘାତରୁ ବର୍ତ୍ତି ଯାଇଥିବା ଜଣାଯାଇଛି। ଗ୍ରାମବାସୀ ଏନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ ବୁଗୁଡ଼ା ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

### ସ୍ୱଚ୍ଛ ଭାରତ ଅଭିଯାନ

**ନୂଆଗଡ଼,୪।୨:** ଗଜପତି ଜିଲା ନୂଆଗଡ ବ୍ଲକ ନୂଆଗଡ ପଞ୍ଚାୟତ ଭ୍ରମରପୁର ଗ୍ରାମଠାରେ ଯୁବକ ସଂଘ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ ସଭାପତି ସାହାଜାନ କାଉଁରୀ, ସମ୍ପାଦକ ଶ୍ରୀଲାଲ ମୋହନ ପରିଚ୍ଛା ଓ ସଂଘର ଶହେ ସ୍ୱେଚ୍ଛାସେବୀ ଭ୍ରମରପୁର ଗ୍ରାମଠାରୁ ନୂଆଗଡ ଶଙ୍ଖ ପର୍ଯ୍ୟନ୍ତ ଅଳିଆ ହଟାଇବା ସହ ନାଳ ନାର୍ଦ୍ଦମା ସଫା କରିଥିଲେ।

### ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ବୁଗୁଡ଼ା,୪।୨(ଡି.ଏନ୍.ଏ.):** ବାହାଘରର ୨ମାସ ନପୁରୁଣୁ ଜଣେ ନବବିବାହିତାଙ୍କ ମୃତ୍ୟୁ ଘଟିଛି। ଶାଶୁ ଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଘଟିଛି ବୁଗୁଡ଼ା ଥାନା ଗୋଲିଆ ପଞ୍ଚାୟତ କୁଶପଲ୍ଲୀ ଗ୍ରାମରେ। ମୃତ ମହିଳା ଜଣକ ଗାଙ୍ଗପୁର ଥାନା ବଡ ବୋରସିଂର ପ୍ରିୟଙ୍କା ପଲେଇ(୨୧)। ମା' ପ୍ରମିଳାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ପୋଲିସ ନଂ.୪୫/୨୧ରେ ମାମଲା ରୁଜୁ କରି ସ୍ୱାମୀ ଜିତେନ୍ଦ୍ର ବିଷୋୟୀଙ୍କୁ ଅଟକ ରଖିଛି। ପ୍ରିୟଙ୍କା ଗତ ଡିସେମ୍ବର ୯ରେ କୁଶପଲ୍ଲୀର ଜିତେନ୍ଦ୍ରଙ୍କୁ ବିବାହ କରିଥିଲେ। ଗତ ୧ତାରିଖ ରାତି ପ୍ରାୟ ୧୧ଟାରେ ପ୍ରିୟଙ୍କା ବିଷକ୍ରିୟାରେ ଛଟପଟ ହେଉଥିବାବେଳେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରିୟଙ୍କାଙ୍କ ମା' ପ୍ରମିଳା ତାଙ୍କ ଝିଅକୁ ଶାଶୁଘର ଲୋକେ ବିଷ ଦେଇ ହତ୍ୟା କରିଥିବା ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ୱାମୀଙ୍କୁ ଅଟକ ରଖିବା ସହ ଯୌତୁକ ସାମଗ୍ରୀ ଜବତ କରି ପ୍ରମିଳାଙ୍କୁ ହସ୍ତାନ୍ତର କରିଛି।

# ଜୁନ୍ ସୁଦ୍ଧା ଚାଷୀଙ୍କୁ ସାର ଦେବା ନିର୍ଦ୍ଦେଶ

**ଛତ୍ରପୁର,୪।୨(ଡି.ଏନ୍.ଏ.)**

ଖରିଫ ଫସଲ ୨୦୨୧ ଓ ରବି ଫସଲ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ଗଞ୍ଜାମ ଜିଲାସ୍ତରୀୟ ଋଣସୀମା ନିର୍ଦ୍ଧାରଣ କମିଟି (ଡିଏଲ୍‌ସିସି) ବୈଠକ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖରିଫ ଓ ରବି ଫସଲ, ପଶୁସମ୍ପଦ ଓ ମତ୍ସ୍ୟଚାଷ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜୁନ ସୁଦ୍ଧା ସମସ୍ତ ସମବାୟ ସମିତିରେ ସାର ମହଜୁଦ କରି ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲାରେ ବର୍ତ୍ତମାନ ୮୦୦ ହେକ୍ଟର କପାଚାଷ କରାଯାଉଛି।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଏହାକୁ ୫୦୦୦ ହେକ୍ଟରକୁ ବୃଦ୍ଧି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଉନ୍ନତ କିସମର ଆଖୁଚାଷ ନିମନ୍ତେ ଚାଷୀଙ୍କୁ ପରାମର୍ଶ ଦେବା ଓ ସେଥିନିମନ୍ତେ ଚାଷୀ ଯେପରି ସୁବିଧାରେ ଋଣ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ କହିଥିଲେ । ସୋସାଇଟିରେ ନୂତନ ଚାଷୀଙ୍କୁ ପଞ୍ଜୀକରଣ କରାଇ ଉତ୍ପାଦନ ବୃଦ୍ଧି କରିବା ପାଇଁ ଜିଲାପାଳ କହିଥିଲେ। ବୈଠକରେ ଆସିକା ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର କୁମାର ପ୍ରଧାନ, ବ୍ରହ୍ମପୁର ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶୀଲ କୁମାର ଦାଶ, ଡିଆର୍‌ସିସି ବିଶ୍ୱ ରଞ୍ଜନ ଦାଶ, କୃଷି ବିଭାଗର ଉପ ନିର୍ଦ୍ଦେଶକ, ଗଞ୍ଜାମ ଗଜପତି ମିଲ୍କ ୟୁନିୟନ ଜେନେରାଲ ମ୍ୟାନେଜର ବିଶ୍ୱ ରଞ୍ଜନ ତ୍ରିପାଠୀ, ଅନ୍ୟାନ୍ୟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଚାଷୀମାନେ ଯୋଗ ଦେଇଥିଲେ ।

# ଜମି ପଟ୍ଟା ଦାବିରେ ଆରଡ଼ିସିଙ୍କୁ ସ୍ମାରକପତ୍ର




ଆର୍‌ଡ଼ିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ବ୍ରହ୍ମପୁର ଅଫିସ୍,୪।୨**

## ଦାବି ପୂରଣ ନ ହେଲେ ଗଣଧାରଣା ଚେତାବନୀ

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଉତ୍ତରାମୁଖୀ ସାହିର ଜମିହୀନ ଓ ଗୃହହୀନ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ ଦାବିରେ ଗୁରୁବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡ଼ିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଉତ୍ତରାମୁଖୀ ସାହିର ୧୫୦ ପରିବାର ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରି ଆସୁଛନ୍ତି। ଏ ନେଇ ଗଞ୍ଜାମ ଜିଲାପାଳ, ଉପଜିଲାପାଳ ଓ ତହସିଲଦାରଙ୍କୁ ଦାବି କରିବା ସତ୍ତ୍ୱେ ଗୃହହୀନ ପରିବାରଙ୍କୁ ପଟ୍ଟା ପ୍ରଦାନ କରାଯାଉ ନାହିଁ। ଫଳରେ ଉକ୍ତ ସାହି ବାସିନ୍ଦା କୌଣସି ଜରୁରୀ କାର୍ଯ୍ୟରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ୨୦୨୦ ଅକ୍ଟୋବର ୨୦ରେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏକ ମାସ ମଧ୍ୟରେ ତଦନ୍ତ କରି ପଟ୍ଟା ପ୍ରଦାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ଦେବାର ଏକ ମାସ ପୂରିଯାଇଥିଲେ ସୁଦ୍ଧା ଏଯାବତ୍ ପଟ୍ଟା ମିଳି ନ ଥିବା ସଂଘ ଅଭିଯୋଗ କରିଛି। ଏହାର ପ୍ରତିବାଦ ସ୍ୱରୂପ ଗୁରୁବାର ସଂଘ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳ ଓ ବ୍ରହ୍ମପୁର ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆସନ୍ତା ୨୩ରୁ ୨୫ ତାରିଖ ଯାଏ ଆର୍‌ଡ଼ିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଉପସଭାପତି କିଶୋର ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକୁ ଅନୁମତି ଦାବି

**ଛତ୍ରପୁର,୪।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଡ୍ରାମା, ଅପେରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଅନୁମତି ଦେବାକୁ ଜିଲା କଳାକାର ମହାସଂଘ ପକ୍ଷରୁ ଦାବି ହୋଇଛି । ବୁଧବାର ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି । କରୋନା ମହାମାରୀ କରୋନା ଯୋଗୁ ଜିଲାରେ ପ୍ରାୟ ବର୍ଷେ ବନ୍ଦ ରହିଥିବା ବିଭିନ୍ନ ମୁକ୍ତ ରଙ୍ଗମଞ୍ଚ ଓ ଲୋକକଳା ମଞ୍ଚ ବନ୍ଦ ରହିଛି। ଫଳରେ ଏହା ଉପରେ ନିର୍ଭରଶୀଳ କଳାକାର ଓ ଅନ୍ୟମାନେ ଗୁଜୁରାଣ ମେଣ୍ଟାଇ ପାରୁନାହାନ୍ତି। ଆଗକୁ ମହାଶିବରାତ୍ରି ଓ ଗଞ୍ଜାମ ସଂସ୍କୃତି ତଥା ପରମ୍ପରାର ବାର୍ତ୍ତାବହ ଦଣ୍ଡଯାତ୍ରାରେ ମଞ୍ଚ ଖୋଲିବା ସହ କାର୍ଯ୍ୟକ୍ରମ ପରିବେଷଣକୁ ଅନୁମତି ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ମହାସଂଘର ସଭାପତି ଅନୀଲ କୁମାର ପାତ୍ର, ସମ୍ପାଦକ ରମାକାନ୍ତ ଆଚାର୍ଯ୍ୟ ଓ ଅନ୍ୟମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ବ୍ରହ୍ମପୁର କୋର୍ଟରେ ବିଧାୟକ ପ୍ରଦୀପ ପାଣିଗ୍ରାହୀ

### ରାଜ୍ୟ ବିଜେଡି ସଭାପତି ଗଣତନ୍ତ୍ର ପ୍ରତି ଦୃଷ୍ଟି ଦେବା ଆବଶ୍ୟକ

**ବ୍ରହ୍ମପୁର ଅଫିସ୍,୪।୨:** ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ଗୁରୁବାର ଅପରାହ୍ନରେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇଥିଲେ। କୋର୍ଟ ପରିସରରେ ଗଣମାଧ୍ୟମ ସହିତ ଆଲୋଚନା ପ୍ରସଙ୍ଗରେ କହିଥିଲେ, ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ଗଣତନ୍ତ୍ରର ସୁରକ୍ଷା ଓ ସ୍ୱଚ୍ଛ ଶାସନ ପ୍ରତି ଦୃଷ୍ଟି ଦେବା ଉଚିତ।

### 'ଡୋଣ୍ଟ୍ ଟଚ୍' କହିଲେ ପ୍ରଦୀପ

ବିଧାୟକ ପ୍ରଦୀପ କୋର୍ଟ ପରିସରରେ ପହଞ୍ଚିବା ନେଇ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ପୋଲିସ ତାଙ୍କ ହାତ ଧରିବା ପାଇଁ ପ୍ରୟାସ ବେଳେ ଇଂଲିଶରେ 'ଡୋଣ୍ଟ୍ ଟଚ୍' ବୋଲି ନାଲି ଆଖି ଦେଖାଇଥିଲେ। ଫଳରେ ପୋଲିସ ହଡ଼ବଡ଼ ହୋଇ ତାଙ୍କ ହାତ ଧରିବା ପାଇଁ ସାହସ କରି ନ ଥିଲା।

### କୋର୍ଟରେ ସମର୍ଥକଙ୍କ ନାରାବାଜି

ପ୍ରଦୀପ ପୋଲିସ ଗାଡ଼ିରୁ କୋର୍ଟ ହତାରେ ଓହ୍ଲାଇବା ପରେ ବହୁ ସମର୍ଥକ ନାରାବାଜି କରିଥିଲେ। ଏହା ଅଦାଲତ ପରିସରରେ ହଇଚଇ ସୃଷ୍ଟି ହୋଇଥିଲା। କେତେକ ଆଇନଜୀବୀ ମୁରୁକି ହସି ଏହାକୁ ଉପଭୋଗ କରୁଥିଲେ। ଅଦାଲତ ପରିସରରେ ଗହଳି ହୋଇଥିଲା। ବହୁ ସଂଖ୍ୟକ ପୋଲିସ ଗାଡ଼ି ସେଠାରେ ଥିଲା।

### ପ୍ରଦୀପଙ୍କ ସପକ୍ଷରେ ଲଢ଼ିଲେ ସ୍ତ୍ରୀ ସୁଜାତା

ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ସତ୍ତ୍ୱେ ପ୍ରଦୀପଙ୍କୁ ବଳପୂର୍ବକ କୋର୍ଟରେ ହାଜର କରାଯାଇଛି। ସ୍ୱାସ୍ଥ୍ୟଗତ ଚିକିତ୍ସାର ନିର୍ଦ୍ଦେଶକୁ ନ ମାନି ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ କୋର୍ଟକୁ ଅଣାଯାଇଛି ବୋଲି ସ୍ତ୍ରୀ ସୁଜାତା ପାଣିଗ୍ରାହୀ ଗୁରୁବାର ଗଣମାଧ୍ୟମ ସମ୍ମୁଖରେ ମନ୍ତବ୍ୟ ଦେଇଛନ୍ତି। ସେ ଆହୁରି କହିଛନ୍ତି, ପ୍ରଶାସନ ସାମ୍ବିଧାନିକ ନିୟମକୁ ଆଧାର କରି ପଦକ୍ଷେପ ଗ୍ରହଣ କରନ୍ତୁ। ନିୟମର ବିରୋଧାଚରଣ କରାଯାଉଛି, ଏଥିପ୍ରତି ଓଡ଼ିଶାବାସୀ ବିଚାର କରନ୍ତୁ। ପ୍ରଦୀପଙ୍କ ବିରୋଧରେ ନିଯୁକ୍ତି ଦେବାକୁ ନେଇ ଟଙ୍କା ଠକି ନେଇଥିବା ତିନୋଟି ଅଭିଯୋଗ ହୋଇଥିଲା। ପ୍ରଥମେ ଆକାଉଣ୍ଟରେ ଟଙ୍କା ପୈଠ ହୋଇଥିବା ନେଇ ଅଭିଯୋଗ ହୋଇଥିଲା, ଏହା ମିଥ୍ୟା । କାରଣ ଆକାଉଣ୍ଟରେ କେହି ବି ନିଯୁକ୍ତି ପାଇଁ ଟଙ୍କା ଦେଇନାହାନ୍ତି। ଏଥିରେ କୌଣସି ସୁଫଳ ନ ଥିଲା। ଜଣଙ୍କ ଇଙ୍ଗିତରେ ଯଦି ପ୍ରଶାସନ ଚାଲେ ତାହା ଠିକ୍ ନୁହେଁ। ପ୍ରଦୀପଙ୍କ ବିରୋଧରେ ହୋଇଥିବା ଅନ୍ୟାୟ ବିରୋଧରେ ମୁଁ ଲଢିବି ବୋଲି ସେ କହିଛନ୍ତି।



ପ୍ରଦୀପଙ୍କ ସମର୍ଥକ।

# ପ୍ରଭାକର ମୃତ୍ୟୁ ମାମଲା, ୭ କୋର୍ଟଚାଲାଣ

**ପୋଲସରା,୪।୨(ଡି.ଏନ.ଏ.)**

ପୋଲସରା ଥାନା ମଧୁପଲ୍ଲୀ ପଞ୍ଚାୟତ ହିରାପଲ୍ଲୀ ଗ୍ରାମରେ ସରକାରୀ ଜାଗାକୁ ନେଇ ଗତ ୨୭ ତାରିଖ ରାତିରେ ଉକ୍ତ ଗ୍ରାମର ପ୍ରଭାକର ଗୌଡ଼ଙ୍କୁ ହତ୍ୟା ମାମଲାରେ ଅଟକ ଥିବା ୭ ଜଣଙ୍କୁ ଗୁରୁବାର ଗିରଫ କରାଯାଇଛି। ସେମାନେ ହେଲେ ହିରାପଲି ଗ୍ରାମର ଭାସ୍କର ସାହୁ, ରାମ ଗୌଡ଼, ସିଲୁ ସାହୁ, ସୁଦର୍ଶନ ଗୌଡ଼, ଛକୋଡ଼ିଆ ଗୌଡ଼, କାଳୁଚରଣ ଗୌଡ଼ ଓ କାହ୍ନୁ ଗୌଡ଼। ଅଭିଯୁକ୍ତମାନଙ୍କୁ କୋଦଳା କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଅନ୍ୟପକ୍ଷରେ ପ୍ରଭାକରଙ୍କ ମୃତ୍ୟୁ ସ୍ୱାଭାବିକ ବୋଲି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି ବୋଲି ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ କହିଛନ୍ତି। ଘରକୁ ଲାଗି ରହିଥିବା ସରକାରୀ ଜମିକୁ ନେଇ ଗତ ୨୭ ତାରିଖ ବିଳମ୍ବିତ ରାତିରେ ଗ୍ରାମର କେତେଜଣ ସଂଘବଦ୍ଧ ହୋଇ ବାପାଙ୍କୁ ପିଟି ପିଟି ମାରି ଦେଇଥିବା ନେଇ ପ୍ରଭାକରଙ୍କ ପୁଅ ଦେବେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରବା ସହ ୭ ଜଣଙ୍କୁ ଅଟକ ରଖିଥିଲା। ଆଇପିସି ଧାରା ୧୪୩/୨୯୪/୫୦୬/୩୦୪ (ଏ)/୧୪୯ ମାମଲା ନଂ.୨୩/୨୧ରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ବିଶ୍ୱ କର୍କଟ ଦିବସ



ଛାତ୍ରୀଛାତ୍ରଙ୍କ ଦ୍ୱାରା ଦସ୍ତଖତ ସଂଗ୍ରହ।

**ବ୍ରହ୍ମପୁର ଅଫିସ୍,୪।୨**

ବିଶ୍ୱ କର୍କଟ ଦିବସ କ୍ରାନ୍ତି ଅନୁଷ୍ଠାନ ପକ୍ଷରୁ ଗୁରୁବାର ଖଲ୍ଲିକୋଟ ମହାବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଥିରେ ଏସ୍‌ଏମ୍‌ଆଇଟି ସଭାପତି ଡ. ଭଗବାନ ଗନ୍ତାୟତ, ଲୋକସେବକ ମଣ୍ଡଳ ଆଜୀବନ ସଭ୍ୟ ରାଜେନ୍ଦ୍ର କୁମାର ଜେନା, ଆଇଏସ୍‌ଆର୍‌ଡ଼ି ନିର୍ଦ୍ଦେଶକ ସୁଧୀର ସାବତ ଓ ସାମନ୍ତରା ଏକାଡ଼େମୀର ନିର୍ଦ୍ଦେଶକ ଦେବେଶ୍ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କର୍କଟ ରୋଗମୁକ୍ତ ଭାରତ ଗଠନ ପାଇଁ ସଂଘ ପକ୍ଷରୁ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ଗେଷ୍ଟ ହାଉସ୍‌ଠାରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁକୁନ୍ଦ ସାହୁ, ସଞ୍ଜୟ ରଥ, ନିର୍ମଳା ଦାଶ, ଲିଲି ସାହୁ, ମହେଶ ପ୍ରସାଦ ପାଢୀ, ମାନସ ରଞ୍ଜନ ରଥ ଓ ବିଦିଶା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଜୁଳି କର୍ମଚାରୀ ସଂଘର ବିକ୍ଷୋଭ

**ବ୍ରହ୍ମପୁର ଅଫିସ୍,୪।୨**

ସର୍ବଭାରତୀୟସ୍ତରରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଡ଼ାକରାରେ ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଟାଟା ପାୱାର ଦକ୍ଷିଣାଞ୍ଚଳ ବିତରଣ କମ୍ପାନୀ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କୃଷି ଆଇନ୍, ଶ୍ରମିକ ବିରୋଧୀ ଶ୍ରମ ଆଇନ୍, ଉପଭୋକ୍ତା ବିରୋଧୀ ବିଦ୍ୟୁତ୍ ଆଇନ୍ ଓ ରାଷ୍ଟ୍ରାୟତ୍ତ ଶିଳ୍ପ କ୍ଷେତ୍ରରେ ଘରୋଇକରଣ, ବିଦ୍ୟୁତ୍ ଶିଳ୍ପକୁ ଟାଟା ପାୱାରକୁ ହସ୍ତାନ୍ତର କରିବା ପଦକ୍ଷେପକୁ ସଂଘ ବିରୋଧ କରିଛି। ଏଥିରେ ସଂଘ ସଭାପତି କାଳୁ ସାହୁ, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା, ସାଧାରଣ ସମ୍ପାଦକ ଏନ୍.ନିରଞ୍ଜନ ରେଡ୍ଡୀ, କୋଷାଧକ୍ଷ ଗୌର ସାହୁ, ଏଲ୍.ଦଣ୍ଡାସି ରେଡ୍ଡୀଙ୍କ ସମେତ ବହୁ ଶ୍ରମିକ କର୍ମଚାରୀ ବିକ୍ଷୋଭରେ ସାମିଲ ହୋଇଥିଲେ।

# କର୍କଟ ନିରାକରଣ କର୍ମଶାଳା

**ଦିଗପହଣ୍ଡି,୪।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ଶ୍ରୀରାମଜୀ କଲେଜରେ ଗୁରୁବାର କର୍କଟ ନିରାକରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜର ରେଡ୍ ରିବନ କ୍ଲବ ଓ ୟୁଥ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ କଲେଜ ଅଧକ୍ଷ ରଘୁନାଥ ନାୟକ ଅଧକ୍ଷତା କରିଥିଲେ। ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ମୁଖ୍ୟଅତିଥି ଏବଂ ଅଧ୍ୟାପକ ଡ.ଅସୀତ କୁମାର ଷଡ଼ଙ୍ଗୀ, ଲିଙ୍ଗରାଜ ପାଣିଗ୍ରାହୀ, ସୁଧୀ ରଞ୍ଜନ ହୋତା, ନିହାର ରଞ୍ଜନ କର ଏବଂ କାହ୍ନୁ ଚରଣ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କର୍କଟ ରୋଗର କାରଣ ଓ ନିରାକରଣ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସମେତ କର୍ମଚାରୀମାନଙ୍କୁ ଅତିଥିବୃନ୍ଦ ସଚେତନ କରାଇଥିଲା। କୋଟାପା ଆକ୍ଟର ନିଷ୍କ୍ରିୟତା ନେଇ କର୍ମଶାଳାରେ ଉଦବେଗ ପ୍ରକାଶ ପାଇଥିଲା। ଅଧ୍ୟାପିକା ପ୍ରିୟଦର୍ଶିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

### ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ଆଉ ଏକ ସଫଳତା

**ବ୍ରହ୍ମପୁର ଅଫିସ୍,୪।୨**

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ହୋଇଥିବା ଯୁକ୍ତ ୨ ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳରେ ୧୫ ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖି ଓଡିଶାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। କିନ୍ତୁ ସେହି ଅନୁଷ୍ଠାନର ସରୋଜ କୁମାର ପଣ୍ଡା କୌଣସି କାରଣରୁ ୯୦% କମ୍ ରଖିଥିଲେ। ପୁନଃ ଯାଞ୍ଚ ହେବା ପରେ ସେ ରସାୟନ ବିଜ୍ଞାନରେ ୫୬ ନମ୍ବର ପରିବର୍ତ୍ତେ ୬୯ ନମ୍ବର ପାଇଛନ୍ତି। ଏହାଦ୍ୱାରା ୯୧.୩୩% ନମ୍ବର ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ପ୍ରକାଶଯେ, ବିଦ୍ୟାଳୟରେ ୧୬ ପିଲା ୯୦%ରୁ ଅଧିକ ନମ୍ବର ରଖିବାରେ ସମର୍ଥ ହୋଇଛନ୍ତି। ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟଙ୍କ ସମେତ ପରିଚାଳନା ସମିତି ତରଫରୁ ସରୋଜଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ସରୋଜ କୁମାର ପଣ୍ଡା।

# ବିମାନ ବନ୍ଦର ସ୍ଥାପନ ଦାବି

**ବ୍ରହ୍ମପୁର ଅଫିସ୍,୪।୨**

## ମିଳିତ କ୍ରିୟାନୁଷ୍ଠାନ କମିଟିର ସଭା, ଦସ୍ତଖତ ଅଭିଯାନ

ବ୍ରହ୍ମପୁରରେ ବିମାନ ବନ୍ଦର ସ୍ଥାପନ ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ଆଙ୍କୁଲି ଛକଠାରେ ସପ୍ତମ ପର୍ଯ୍ୟାୟ ପଥପ୍ରାନ୍ତ ସଭା, ପୋଷ୍ଟକାର୍ଡ ଏବଂ ବ୍ୟାନର୍ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିମାନ ବନ୍ଦର ସ୍ଥାପନ ନେଇ ଜିଲାର ବିଭିନ୍ନ ସ୍ଥାନ ପ୍ରସ୍ତାବ ଆକାରରେ ଆସୁଥିଲେ ବି ରାଜ୍ୟ ସରକାର ନିଜଆଡୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କଠାରେ ପ୍ରସ୍ତାବ ଆକାରରେ ରଖୁନାହାନ୍ତି। ଫଳରେ ଗଞ୍ଜାମ ଜିଲାରେ ଏହାର ନକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି ହେଉଛି ବୋଲି ସଂଘ ଅଭିଯୋଗ କରିଛି। ଗଞ୍ଜାମ ଜିଲା ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳା ଲୋକଙ୍କ ମନରେ ନୈରାଶ୍ୟଭାବ ସୃଷ୍ଟି କରିଛି। ଏଣୁ ବିମାନ ବନ୍ଦର ସ୍ଥାପନ କ୍ଷେତ୍ରରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଏହି ଦସ୍ତଖତ ଅଭିଯାନରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ରାଜେନ୍ଦ୍ର ପଣ୍ଡା, ସହ ଆବାହକ ଅବନୀ ଗୟା, ଏସ୍. ପ୍ରକାଶ ଚନ୍ଦ୍ର ପାତ୍ର, ଡ. ଡମ୍ବରୁଧର ସାହୁ ଓ ଡ. ଶିବ ପ୍ରସାଦ ମିଶ୍ରଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ଦସ୍ତଖତ ଅଭିଯାନରେ ସାମିଲ ଜନସାଧାରଣ।

**ପାଳଗଦା ଜଳିଗଲା**

ବୁଗୁଡ଼ା,(ଡି.ଏନ.ଏ.)- ବୁଗୁଡ଼ା ବ୍ଲକ ତିଲିଖମା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୁରୁବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କର ୧୦ଭରଣର ଏକ ପାଳଗଦା ପୋଡି ଯାଇଛି। ମାତ୍ର ସୌଭାଗ୍ୟବଶତଃ ପାଖରେ ଥିବା ବହୁ ଧାନ ବସ୍ତା ଏବଂ ଘର ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତି ଯାଇଛି। ତିଲିଖମା ଗ୍ରାମର ଦେବହରି ଗୌଡ଼ ଘର ପାଖ ଖଳାରେ ଧାନ ବନ୍ଧାଉଥିଲେ। ହଠାତ୍ ନିଆଁ ଝୁଲ ଉଡିଯାଇ ପାଖରେ ଥିବା ପାଳ ଗଦାରେ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ କରିଥିଲା।

## ସଂକ୍ଷେପରେ

### ୫ବଖରା ଜଳିଗଲା



**ଭଞ୍ଜନଗର,(ଡି.ଏନ୍.ଏ.):** ଭଞ୍ଜନଗର ତହସିଲ ଅନ୍ତର୍ଗତ ନାରୀଗୋଛାରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୫ବଖରା ପୋଡ଼ିଯାଇଛି। ଏଥିସହ ଖଳାରେ ଅମଳ ହୋଇ ରହିଥିବା ବହୁ ଧାନ ବସ୍ତା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ୧୧ କେଭି ତାର ଛିଡିଯିବା ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

### କୋଠଘର ବାରଣ୍ଡାରୁ ମୃତଦେହ ଜବତ

**ଦିଗପହଣ୍ଡି,୪।୨(ଡି.ଏନ୍.ଏ.):** କୁକୁଡ଼ାଖଣ୍ଡି ବ୍ଲକ ଦିଗପହଣ୍ଡି ଥାନା ମହୁରୀକାଲୁଆ ମନ୍ଦିର ନିକଟ ବନ୍ଧାଗୁଡ଼ା ଗାଁ କୋଠଘର ବାରଣ୍ଡାରୁ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି। ସେ ହେଲେ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମର ଜି. ମୋହନ ଦୋରା( ୪୫)। ନଂ.୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି। ଗତ କିଛିବର୍ଷ ହେଲା ମୋହନ ମାନସିକ ବିକୃତି କାରଣରୁ ପ୍ରାୟ ଗାଁରେ ରହୁ ନଥିଲେ। ପର୍ଯ୍ୟଟନକ୍ଷେତ୍ର ମହୁରୀକାଲୁଆ ମନ୍ଦିର ବେଢାରେ ସେ ବୁଲାଚଲା କରୁଥିଲେ। ସେଠାରେ ଭୋଜି କରୁଥିବା ଲୋକେ ଖାଇବାକୁ ଦିଅନ୍ତି। ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ଗୁରୁବାର ଭୋରରେ ବନ୍ଧାଗୁଡା ଗାଁ କୋଠଘର ବାରଣ୍ଡାରେ ଶୋଇଥିବାବେଳେ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଋଷିକୁଲ୍ୟା ଟି-୨୦ ଟୁର୍ନାମେଣ୍ଟ ଫାଇନାଲ୍‌ରେ ହିଞ୍ଜିଳିକାଟୁ

**ସୋରଡା,୪।୨(ଡି.ଏନ୍.ଏ.):** ସୋରଡାସ୍ଥିତ ମିନି ଷ୍ଟାଡିୟମ୍‌ରେ ଋଷିକୁଲ୍ୟା କ୍ରିକେଟ କ୍ଲବ ଦ୍ୱାରା ଅୟୋଜିତ ୧୨ତମ ଋଷିକୁଲ୍ୟା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ସୋରଡା ଆର୍‌ସିସିକୁ ହରାଇ ହିଞ୍ଜିଳିକାଟୁ କ୍ରିକେଟ୍ କ୍ଲବ ଫାଇନାଲ୍‌ରେ ପ୍ରବେଶ କରିଛି। ଟସ୍ ଜିତି ହିଞ୍ଜିଳିକାଟୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୦୧ରନ କରିଥିଲା। ଜବାବରେ ଆର୍‌ସିସି ୧୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଡାକ୍ତର ହର ପ୍ରସାଦ ସାହୁ ଅତିଥି ରୂପେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ରଜନୀ ମହାପାତ୍ର, ସଞ୍ଜୟ ପଣ୍ଡା ଖେଳ ପରିଚାଳନା କରିଥିଲେ।

### ପ୍ରଧାନ ଶିକ୍ଷକଙ୍କ ପରଲୋକ



ସୋରଡା,୪।୨(ଡି.ଏନ୍.ଏ.): ସୋରଡା ବ୍ଲକର ଯୁବ ପ୍ରଧାନ ଶିକ୍ଷକ ଗରିବବନ୍ଧୁ ଦାସ (୪୭)ଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ପରଲୋକ ଘଟିଛି। ମସ୍ତିଷ୍କ ରୋଗରେ ପୀଡିତ ଥିବାବେଳେ ଅସ୍ତ୍ରୋପଚାର ପାଇଁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଗରିବବନ୍ଧୁ ଲବନିଶର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲେ। ସୋରଡାରେ ମୃତଦେହ ପହଞ୍ଚିବା ପରେ ବିଇଓ ବିଜୟ ବେହେରା, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ବେହେରାଙ୍କ ସମେତ ବହୁ ଶିକ୍ଷକ ଶେଷ ଦର୍ଶନ କରିଥିଲେ।

### ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କାଶୀନଗର,୪।୨:** କାଶୀନଗର ଥାନା ପରିସରରେ ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଆଇଆଇସି ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ହୋମଯଜ୍ଞରେ ଅବସରପ୍ରାପ୍ତ ଏସ୍ଆଇଟି ରାଙ୍ଗାବାବୁ ରାଓ ଓ ସ୍ତ୍ରୀ ଟି.ଜ୍ୟୋତି କର୍ତ୍ତା ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଚିତ୍ତରଞ୍ଜନ ପୌରୋହିତ୍ୟ କରିଥିବା ବେଳେ ପୂର୍ବତନ ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ।

# ଏସ୍‌ଏଚ୍‌ଜିକୁ ଋଣ ଦେବା ନାଁରେ ଠକେଇ ଅଭିଯୋଗ

**ଫୁଲବାଣୀ ଅଫିସ, ୪।୨**

- କନ୍ଧମାଳରେ ଗ୍ରୁପ କରିଥିଲା ଚିଟ୍‌ଫଣ୍ଡ ସଂସ୍ଥା
- ମହିଳାଙ୍କଠାରୁ ୪୦୦ରୁ ୫୦୦ ଲେଖାଏ ନେଇ ଚମ୍ପଟ

କନ୍ଧମାଳ ଜିଲାରେ ଋଣ ଦେବା ନାମରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କୁ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ସିଏମ୍‌ସି ଓଡିଶା ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା ଠକେଇ କରିଛି । ଏହି ସଂସ୍ଥା ଆଦିବାସୀଙ୍କୁ ଏକାଠି କରି ୩୦୦ରୁ ଉର୍ଦ୍ଧ୍ୱ ଗ୍ରୁପ କରିବା ପରେ ୪୦ ହଜାର ଟଙ୍କା ଲେଖାଏ ଋଣ ଦେବାକୁ କହି ପ୍ରତ୍ୟେକ ସଦସ୍ୟାଙ୍କଠାରୁ ୪୦୦ରୁ ୫୦୦ ଟଙ୍କା ଲେଖାଏ ନେଇ ପଳାଇଯାଇଛି । ଏହାକୁ ନେଇ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଗତ ୪ ମାସ ହେଲା ଫୁଲବାଣୀ ଷ୍ଟେଟ୍ ବ୍ୟାଙ୍କର ବଜାର ଶାଖା ପାଖରେ ଏକ ଭଡ଼ାଘରେ ସିଏମ୍‌ସି ଓଡିଶା ଫାଇନାନ୍ସ କମ୍ପାନୀ ଚାଲିଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ କ୍ରିଷ୍ଣା ଗାର୍ଡେନ୍, ଫେଜ୍-୨, ଫ୍ଲାଟ୍ ନଂ.-୧୮, ଜାଗମରା ବୋଲି ବୋର୍ଡରେ ଉଲ୍ଲେଖ ରହିଥିଲା। ଏସ୍‌ଏଚଜିଗୁଡ଼ିକୁ ଋଣ ଦେବା ନାମରେ ଫୁଲବାଣୀ, ଖଜୁରିପଡା, ଟିକାବାଲି, ବାଲିଗୁଡାରେ ଶାଖା କାର୍ଯ୍ୟାଳୟ ଖୋଲିଥିଲା ଏହି ସଂସ୍ଥା । କର୍ମଚାରୀମାନେ ଗାଁକୁ ଗାଁ ଯାଇ ମହିଳାମାନଙ୍କୁ ଏକାଠି କରି ଏସ୍‌ଏଚ୍‌ଜି ଗଠନ କରିଥିଲେ । ଗ୍ରୁପ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ୪୦ ହଜାର ଟଙ୍କା ଲେଖାଏ ଋଣ ୪୫ ଦିନ ମଧ୍ୟରେ ଦିଆଯିବା ପ୍ରତିଶ୍ରୁତି ଦେଇ କର୍ମଚାରୀମାନେ ସମସ୍ତଙ୍କ ଠାରୁ ୪୦୦/୫୦୦ ଟଙ୍କା ଲେଖାଏ ଆଣି ରସିଦ୍ ଦେଇଥଲେ। ହେଲେ ଋଣ ମିଳି ନ ଥିଲା । ମହିଳାମାନେ କାର୍ଯ୍ୟାଳୟ ଗଲା ବେଳକୁ ସେଠାରେ ତାଲା ପଡିଥିଲା ।

ସୂଚନା ଅନୁସାରେ, ସିଏମ୍‌ସି ଓଡ଼ିଶା ଫୁଲବାଣୀରେ ୨୦୦ ଗ୍ରୁପ, ଖଜୁରିପଡାରେ ୧୦୦, ଟିକାବାଲିରେ ୫୦ ଓ ବାଲିଗୁଡାରେ ୫୦ ଗ୍ରୁପ ଗଠନ କରିଥିଲା । ପ୍ରାୟ ୨୦୦୦ ମହିଳାଙ୍କଠାରୁ ୫୦୦ ଟଙ୍କା ଲେଖାଏ ନେଇ ସଂସ୍ଥା ଫେରାର୍ ହୋଇଯାଇଛି । ସଂସ୍ଥାର କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି । ଅଫିସ୍ ବନ୍ଦ ଦେଖି ଉକ୍ତ ସଂସ୍ଥାର କର୍ମଚାରୀଙ୍କୁ ମହିଳାମାନେ ଧରିଥିଲେ। ସମ୍ପୃକ୍ତ କର୍ମଚାରୀମାନେ ଭୁବନେଶ୍ୱର ଅଫିସ୍‌କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ତେଣୁ ବାଧ ହୋଇ ୧୮ କର୍ମଚାରୀ ଫୁଲବାଣୀ ଏବଂ ଖଜୁରିପଡା ଥାନାରେ ଏଫ୍ଆଇଆର୍ ଦେଇଛନ୍ତି। ପୋଲିସ୍ ତଦନ୍ତ ଆରମ୍ଭ କରିଥିବା ଏସ୍‌ଏଚ୍‌ଜିର ସଦସ୍ୟା ତ୍ରିଶୁଳା ମାଝି, ଗୀତାଞ୍ଜଳି ମୁଖୀ, ସିଏମ୍‌ସି କର୍ମଚାରୀ ଦେବାଶିଷ ସାହାଣୀଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି।

# ଜବରଦଖଲ ଉଚ୍ଛେଦକୁ ବିରୋଧ କରି ଧାରଣା




ଦଳିତ ଶୋଷଣ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

**କୁକୁଡାଖଣ୍ଡି,୪।୨**

କୁକୁଡାଖଣ୍ଡି ବ୍ଲକ ଅଧୀନ ମହୁଡା ଗ୍ରାମର ଗୋଚର ଜମିରେ ଘର କରିଥିବା ଦଳିତ ଆଦିବାସୀଙ୍କୁ ଥଇଥାନ ନ କରି ଜବରଦଖଲ ଉଚ୍ଛେଦ କରାଯାଇଥିବା ପ୍ରତିବାଦରେ ଗୁରୁବାର ସ୍ଥାନୀୟ ତହସିଲଦାରଙ୍କ ଅଫିସ ସମ୍ମୁଖରେ ଦଳିତ ଶୋଷଣ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ବୁଧବାର ମହୁଡା ଗ୍ରାମର ଦୁଇଟି ଗୃହକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭଙ୍ଗାଯାଇଥିଲା। ଏହା ପ୍ରତିବାଦରେ ଦଳିତ ଶୋଷଣ ମଞ୍ଚ ପକ୍ଷରୁ ଧାରଣା ଦିଆଯିବା ସହ ୩ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଗ୍ରାନାଇଟ ଉତ୍ପାଦନ ହେଉଥିବା ପଥର କୁଆଁରିରୁ ଯେଉଁ ରାଜସ୍ୱ ଆଦାୟ କରାଯାଉଛି ଆଇନ ଅନୁଯାୟୀ ୫୦ ପ୍ରତିଶତ ସ୍ଥାନୀୟ ଅଞ୍ଚଳର ଉନ୍ନତି କାର୍ଯ୍ୟରେ ବିନିଯୋଗ କରିବା, ମହୁଘରା ପାହାଡ଼ରେ ବେଆଇନ ଭାବେ ପଥର ଫୁଟାଯାଉଥିବାରୁ ଚାଷଜମି ଓ ଫସଲ କ୍ଷତି ବାବଦ କ୍ଷତିପୂରଣ ପ୍ରଦାନ, ବିଭିନ୍ନ ସୋସାଇଟି ଜରିଆରେ ସରକାରୀ ମଣ୍ଡି ଖୋଲି ଧାନ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା ଦେବାକୁ ଦାବି ହୋଇଛି। ଧାରଣାରେ ରାଜ୍ୟ ଉପସଭାପତି ସୋମନାଥ ବେହେରାଙ୍କ ସହ ମହୁଡା ଗ୍ରାମର ସମସ୍ତ ଦଳିତ ବାସିନ୍ଦା ଉପସ୍ଥିତ ଥିଲେ।

# 'ଖରାଦିନ ପୂର୍ବରୁ ଜଳସମସ୍ୟା ଦୂର କର'



ସମିତି ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ନୂଆଗଡ଼,୪।୨(ଡି.ଏନ.ଏ.)**

**ନୂଆଗଡ ସମିତି ବୈଠକ**

ଗଜପତି ଜିଲା ନୂଆଗଡ ବ୍ଲକ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିଲେ। ସମତି ଅଧ୍ୟକ୍ଷା ଗୁଡୁବାଇ ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ବ୍ଲକର ୨୦ରୁ କମ୍ ପିଲାଥିବା ୨୯ ସ୍କୁଲ ବନ୍ଦ ହେବାକୁ ଥିବାବେଳେ ଯେପରି କମ୍ ସ୍କୁଲ ବନ୍ଦ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ଶିକ୍ଷା ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପରିମଳ, ପୁଟୁପଡା ଓ କିରାମା ସହ ଅନ୍ୟ ୨ପଞ୍ଚାୟତରେ ଜଳ ସମସ୍ୟା ଲାଗି ରହୁଛି। ଖରାଦିନ ପୂର୍ବରୁ ଏଠାରେ ଜଳ ସମସ୍ୟା ଦୂର କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଖଜୁରିପଦା ମେଡିକାଲ ପାଇଁ ନିର୍ମାଣାଧିନ ପାଣିଟାଙ୍କି ଦୀର୍ଘବର୍ଷ ହେଲା ଅସମ୍ପୂର୍ଣ୍ଣ ରହିଥିବା ଅଭିଯୋଗ ଶୁଣିବା ପରେ ବିଧାୟକ କ୍ଷୋଭ ପ୍ରକାଶ କରି ତୁରନ୍ତ କାମ ସାରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୫ ଜଳକ୍ଲିଷ୍ଟ ପଞ୍ଚାୟତରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବାକୁ ଯନ୍ତ୍ରୀଙ୍କୁ କହିଥିଲେ। ତିତସିଂ ସରପଞ୍ଚ ଚମ୍ପା ରଇତ ବାଳିକା ହଷ୍ଟେଲ ଗୁଡିକରେ ପୁରୁଷ କର୍ମଚାରୀ ନିଯୁକ୍ତି ନ କରିବାକୁ ଦାବି କରିଥିଲେ। ବଡ଼ପଦା ଗ୍ରାମ ଏସ୍‌ଏଚ୍‌ଜି ଗ୍ରୁପ୍ ସଦସ୍ୟା ସଙ୍ଗରୋଧ କେନ୍ଦ୍ରରେ ରୋଷେଇ କରି ପାଉଣା ପାଇ ନଥିବା ବିଧାୟକଙ୍କୁ ଜଣାଇ ବ୍ଲକ ଘେରାଉ କରିଥିଲେ। ଭାଉଚର ଆଣି ଦେବାପରେ ତୁମର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ପରେ ସେମାନେ ହଟିଥିଲେ। ସିଡିପିଓ ନୂଆଗଡ ବ୍ଲକକୁ ବାଲ୍ୟ ବିବାହ ମୁକ୍ତ ରଖିବାରେ ସହାୟତା କରିବାକୁ ସମସ୍ତଙ୍କ ଲୋକ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଯନ୍ତ୍ରୀ ବୈଠକରେ ଯୋଗ ଦେଇ ନଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନପ୍ରତିନିଧିମାନେ ଦାବି କରିଥିଲେ। ଏହି ବିଭାଗର କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଅନ୍ୟାନ୍ୟ ବିଭାଗର ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ବିଡିଓ ଲାବନେନ୍ଦ୍ର ମହାନ୍ତି, ଜିଲା ପରିଷଦ ସଭ୍ୟା କବିତା ଶବର, ଉପାଧ୍ୟକ୍ଷ ସୁଭାସ ଚନ୍ଦ୍ର ପାଇକ, ସହକାରୀ ଯନ୍ତ୍ରୀ ପି ଏସ୍ ପଟ୍ଟନାୟକ, ସମସ୍ତ ସରପଞ୍ଚ, ସମିତିସଭ୍ୟା ସଭ୍ୟ ଯୋଗଦେଇଥିଲେ।

### ଏମ୍‌ଏଲ୍‌ଏ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ବିଧାୟକ ଏକାଦଶ ବିଜୟୀ

**କ.ନୂଆଗାଁ,୪।୩(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ସ୍ତରୀୟ ଏମ୍‌ଏଲ୍‌ଏ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିନ ମ୍ୟାଚ୍‌କୁ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚ୍ ବିଧାୟକ ଏକାଦଶ (କ.ନୂଆଗାଁ) ଓ ଭୁବନେଶ୍ୱର ସଂଘର୍ଷ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଧାୟକ ଏକାଦଶ ୪-୩ରେ ବିଜୟୀ ହୋଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ବିଧାୟକ ଏକାଦଶର ମାନସ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଶୁକ୍ରବାର ସେମିଫାଇନାଲ୍ ମ୍ୟାଚ ଜେ.ଡି. କ୍ଲବ ଫୁଲବାଣୀ ଓ ବିଧାୟକ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ବାଲିଗୁଡା ବିଧାୟକ ଚକ୍ରମଣି କହଁର, ପରିଚାଳନା କମିଟି ସଭାପତି କୃଷ୍ଣମୋହନ ପାଣିଗ୍ରାହୀ, ଚକାପାଦ ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ପରିଚାଳନା କମିଟି ଉପସଭାପତି ବାସୁଦେବ ପଣ୍ଡା, ସଂଯୋଜକ ସହଦେବ ପାତ୍ର, କୋଷାଧ୍ୟକ୍ଷ ସୁଲୋଚନା ଦଳବେହେରା,ଅନିତା ମାଲିକ ପ୍ରମୁଖ ଯୋଗ ଦେଇଥିଲେ।

# ୪ର୍ଥ ଥର ପ୍ଲାଜ୍‌ମା ଦେଲେ ସିପାହୀ ଯୁଧିଷ୍ଠିର




ଦଳିତ ଶୋଷଣ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

**ଛତ୍ରପୁର/ଗଞ୍ଜାମ, ୪।୨(ଡି.ଏନ.ଏ.)**

ଅଗସ୍ତିନୂଆଗାଁସ୍ଥିତ ଛତ୍ରପୁର ଅଷ୍ଟମ ବାଟାଲିୟନର ସିପାହୀ (୭୬୧) କେ. ଯୁଧିଷ୍ଠିର ରାଓ ଚତୁର୍ଥ ଥର ପାଇଁ ପ୍ଲାଜ୍‌ମା ଦାନକରି ଚର୍ଚ୍ଚାରେ ରହିଛନ୍ତି। ଗୁରୁବାର ଏମ୍‌କେସିଜି ମେଡିକାଲ କଲେଜରେ ସେ ପ୍ଲାଜ୍‌ମା ଦେଇଛନ୍ତି। ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟ ନାରାୟଣ ମଲ୍ଲିକ ସାଧୁବାଦ ଜଣାଇଛନ୍ତି। କରୋନାରୁ ସୁସ୍ଥ ହେବା ପରେ ଗତ ସେପ୍ଟେମ୍ବର ୪ରେ ସେ ପ୍ରଥମ ଥର ପ୍ଲାଜମା ଦେଇଥିଲେ। ପରେ ଅକ୍ଟୋବର ୧୪ରେ ଓ ନଭେମ୍ବର ୨୫ରେ ପ୍ଲାଜ୍‌ମା ଦାନ କରିଥିଲେ । ସୂଚନାଯୋଗ୍ୟ, କମାଣ୍ଡାଣ୍ଟଙ୍କ ତତ୍ତ୍ୱାବଧାନରେ ପ୍ଲାଜମା ଦାନ ମିଶନ ଚାଲିଛି। ଶତାଧିକ ବାଟାଲିୟନ କର୍ମଚାରୀମାନେ ପ୍ଲାଜ୍‌ମା ଦାନ କରିଛନ୍ତି। ଯୁଧିଷ୍ଠିର ୪ ଥର ପ୍ଲାଜମା ଦାନ କରିଥିବାରୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅରୁଣ କୁମାର ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ପ୍ରଶଂସା କରଛନ୍ତି।

# କଲେଜ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି ।

**ଭଞ୍ଜନଗର,୪।୨(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ଗୁରୁବାର ଶିକ୍ଷକ ଓ କର୍ମଚାରୀ ମିଳିତ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସଭାରେ ଶିକ୍ଷକ ଓ କର୍ମଚାରୀ ମିଳିତ ସଂଘର ସମ୍ପାଦକ ପ୍ରାଧ୍ୟାପକ ସୁକାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ବିକାଶ କରିବା ପାଇଁ ଅଧ୍ୟକ୍ଷ ପ୍ରଧାନ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରାଧ୍ୟାପକ ଡ. ରବୀନ୍ଦ୍ର ନାଥ ପାଳ, ବିଭୂତି ଭୂଷଣ ପାଣିଗ୍ରାହୀ, ଡ. ପୀତବାସ ପାଳ,ସାତ୍ୟକି ସାହୁ, ବଦ୍ରି ନାରାୟଣ ପାତ୍ର, ରାଜେନ୍ଦ୍ର ଦାସ, ବଟୁକେଶ୍ୱର ବାରିକ, ନୃସିଂହ ଚରଣ ସୁଆର ପ୍ରମୁଖ ଯୋଗଦେଇଥିଲେ। ସହସମ୍ପାଦକ ଅମୀୟ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ବାଲିଗୁଡା ଏନ୍‌ଏସି, କମିଲା ହୋଲ୍‌ଡିଂ ଟ୍ୟାକ୍ସ

**ବାଲିଗୁଡା,୪।୨(ଡି.ଏନ୍.ଏ.)**

ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦର ଶେଷ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପ ଜିଲାପାଳ ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶୁଭଙ୍କର ମହାପାତ୍ର, ଅଧ୍ୟକ୍ଷ ଲୋକନାଥ ପାଢୀ, ବିଧାୟକ ପ୍ରତିନିଧି ଅବନୀ ନାୟକ ମଞ୍ଚାସୀନ ଥିଲେ। ବୈଠକରେ ଏନ୍‌ଏସି ବାସିନ୍ଦାଙ୍କ ପାଇଁ ଆଗରୁ ଧାର୍ଯ୍ୟ ହୋଇଥିବା ହୋଲ୍‌ଡିଂ ଟ୍ୟାକ୍ସ ଉପରେ ଆଲୋଚନା ହୋଇଥିଲା। ପୂର୍ବରୁ ଜଳକର ବାବଦରେ ୫ପ୍ରତିଶତ, ବିଦ୍ୟୁତ୍ କର ବାବଦରେ ୫ପ୍ରତିଶତ ଓ ହୋଲ୍‌ଡିଂ କର ବାବଦରେ ୫ ପ୍ରତିଶତ ମୋଟ ୧୫ ପ୍ରତିଶତ ଆଦାୟ କରାଯାଇଥିଲା। ଉକ୍ତ ବୈଠକରେ ଟ୍ୟାକ୍ସ କମାଇବାକୁ ଆଲୋଚନା ହୋଇ ଜଳକର ବାବଦରେ କିଛି ଟିକସ ନିଆଯିବ ନାହିଁ ଓ ବିଦ୍ୟୁତ କର କମାଇ ୨ପ୍ରତିଶତ କରାଯାଇଛି। ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା।

# ବ୍ୟାଟେରି ଚାଳିତ ସ୍ୱଚ୍ଛ ଗାଡି ଉଦ୍‌ଘାଟିତ



ଉପ ଜିଲାପାଳ ସ୍ୱଚ୍ଛଗାଡି ଉଦ୍‌ଘାଟନ କରୁଛନ୍ତି।

**ପୁରୁଷୋତ୍ତମପୁର,୪।୨(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଏନ୍‌ଏସିରେ ବ୍ୟାଟେରି ଚାଳିତ ସ୍ୱଚ୍ଛ ଗାଡିର ଶୁଭାରମ୍ଭ ହୋଇଯାଇଛି। ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷରେ ଏହି ଗାଡିର ଚାଳକ ଭାବେ ନିଯୁକ୍ତି ଦିଆଯାଇଥିବା ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର କହିଛନ୍ତି। ସହରରେ ଘରକୁ ଘର ବୁଲି ଏହି ଅଟୋରେ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବ। ମହିଳାମାନେ ଏଭଳି ଗାଡି ଚଲାଇବା ପୁରୁଷୋତ୍ତମପୁର ଏନ୍‌ଏସିରେ ପ୍ରଥମ। ଗୁରୁବାର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଉପ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ନୀତିଶ କୁମାର ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହାସହ ଭଲ କାମ କରୁଥିବା ୧୦ଜଣ ସୁଇପରଙ୍କୁ ମଧ୍ୟ ଅତିଥିମାନେ ସମ୍ମାନିତ କରିଥିଲେ।

### ଦଧିଚି ପୁରସ୍କାରପ୍ରାପ୍ତ ପ୍ରିୟଙ୍କା ରାଣୀଙ୍କ ସ୍ମୃତିସଭା

**ଦିଗପହଣ୍ଡି,୪।୨(ଡି.ଏନ.ଏ.)**

କାଡାଭାରିକ ଟ୍ରାନ୍ସପ୍ଲାଣ୍ଟ ମାଧ୍ୟମରେ ମୃତ୍ୟୁର ଶେଷ ମୂହୁର୍ତ୍ତରେ ନିଜର କିଡ୍‌ନୀ ଦାନ କରି ଓଡିଶା ଚିକିତ୍ସା ବିଜ୍ଞାନରେ ନୂଆ ଅଧ୍ୟାୟ ସୃଷ୍ଟି କରିପାରିଥିବା ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ମରଣତ୍ତୋର ଦଧିଚି ପୁରସ୍କାରପ୍ରାପ୍ତ ପ୍ରିୟଙ୍କା ରାଣୀ ରାଜୁଙ୍କ ଏକ ସ୍ମୃତିଚାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି କଳିଙ୍ଗ ବୈଶ୍ୟ ଭବନ ପରିସରରେ ସମାଜ ମହାସଂଘ କାର୍ଯ୍ୟକର୍ତ୍ତା ନାରାୟଣ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବି.ରାମ ନାରାୟଣ ମୁଖ୍ୟ ଅତିଥି ଏବଂ ମହିଳା ସଂଘ ସଭାନେତ୍ରୀ ପି.ଉଷାରାଣୀ, ଅଞ୍ଚଳ କମିଟି ସମ୍ପାଦକ ଇ.ମାଲେଶ୍ୱର, ସଭ୍ୟ ବି.କ୍ରିଷ୍ଣାରାଓ ସୁବୁଦ୍ଧି, ଜହଲାଲ ପାତ୍ର, ଲକ୍ଷ୍ମୀ ନାରାୟଣ ସୁବୁଦ୍ଧି, ବି.ତ୍ରିପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତା ପ୍ରିୟଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ନୀରବ ପ୍ରାର୍ଥନା କରାଯାଇଥିଲା।

# ହିଞ୍ଜିଳିକାଟୁ କଲେଜରେ ବିଜ୍ଞାନମେଳା

**ହିଞ୍ଜିଳିକାଟୁ,୪।୨(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟରେ ୩ଦିନ ଧରି ଅନୁଷ୍ଠିତ ବିଜ୍ଞାନମେଳା ଓ ପାଠଚକ୍ର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗଣପତି ସାବତ ଫାଉଣ୍ଡେସେନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ମେଳାରେ କଲେଜ ସମେତ ସ୍ଥାନୀୟ ଅଞ୍ଚଳର ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ହିଞ୍ଜିଳିକାଟୁ ଆଇଆଇଟି, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବହୁ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନରେ ଭାଗ ନେଇଥିଲେ।ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ମଳୟ କୁମାର ମିଶ୍ର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଡ. ସତୀଶ ପ୍ରସାଦ ନାୟକ, ଡ଼ ଦିଲୀପ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷା ଡ଼ ସ୍ୱସ୍ତିକା ପାଢୀ ପୌରହିତ କରିଥିଲେ। ଆଦ୍ର ଭୂମିର ସଂରକ୍ଷଣ ସମ୍ବନ୍ଧରେ ପାଠଚକ୍ରରେ ଅତିଥିମାନେ ଆଲୋଚନା କରିଥିଲେ।କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା।



ବିଜ୍ଞାନ ମେଳାର ଉଦ୍‌ଯାପନୀ ଉତ୍ସବରେ ଅତିଥି ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

# ବୃଦ୍ଧି ପାଉଛି ବେଆଇନ ଇଟା ବ୍ୟବସାୟ

**କବିସୂର୍ଯ୍ୟନଗର,୪।୧**

- ଇଟାଭାଟି ଧୂଆଁରେ ଅଣନିଶ୍ୱାସୀ ଅଞ୍ଚଳବାସୀ
- ପ୍ରଶାସନ ସବୁ ଜାଣି ଅଜଣା

କବିସୂର୍ଯ୍ୟନଗର ତହସିଲ ଓ ବ୍ଲକ ଅଞ୍ଚଳରେ ଦୀର୍ଘବର୍ଷ ଧରି ବେଆଇନ ଇଟା ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ଅଞ୍ଚଳର ନଦୀ କୂଳେକୂଳେ ଏବଂ ଚାଷ ଜମିରେ ଶହ ଶହ ଇଟାଭାଟି ଦେଖିବାକୁ ମିଳୁଛି। ପ୍ରତି ବର୍ଷ ଅକ୍ଟୋବରରୁ ଇଟା ବ୍ୟବସାୟ ଆରମ୍ଭ ହୋଇ ଜୁନ ଯାଏ ଚାଲୁଛି। ଇଟାଭାଟି ଚାଲିବା ଦ୍ୱାରା ଯଦିଓ ଉକ୍ତ ଅଞ୍ଚଳର ଜନସାଧାରଣ ଏଥିରେ ନିୟୋଜିତ ହୋଇ ଦି ପଇସା ରୋଜଗାର କରୁଛନ୍ତି, କିନ୍ତୁ ଲାଭଖୋର ବେପାରୀମାନେ ଶ୍ରମିକ ଶ୍ରେଣୀର ଲୋକ ଓ ତାଙ୍କ ପିଲାମାନଙ୍କୁ କାମରେ ଲାଗାଇ ବେଶି ଫାଇଦା ନେଉଛନ୍ତି। ପ୍ରଶାସନର ସ୍ଥାଣୁତା ଯୋଗୁ ଏହି ଇଟା ତିଆରିରେ ମାଟିବାଲି ବ୍ୟାପକ ପରିମାଣରେ ବ୍ୟବହାର ହେଉଥିଲେ ସୁଦ୍ଧା ରାଜକୋଷ ଆଦାୟ ହୋଇପାରୁ ନାହିଁ। ନଦୀ ଓ ଚାଷ ଜମି ସଂଲଗ୍ନ ସ୍ଥାନଗୁଡିକରୁ ମାଟିଖୋଳା ଚାଲିଥିବାରୁ ଜମିର ଉର୍ବରତା ହ୍ରାସ ପାଉଛି।



ରାଜସ୍ୱ ଟିକସ ଫାଙ୍କି ମାଟି ବ୍ୟବହାର କରାଯାଇଛି।

ଦୈନନ୍ଦିନ ଶହଶହ ଇଟାଭାଟି ଜଳିବା କାରଣରୁ କବିସୂର୍ଯ୍ୟନଗର ବ୍ଲକର ଅର୍ଦ୍ଧାଧିକ ଅଂଶ ବାୟୁମଣ୍ଡଳ କୁହୁଡ଼ି ଭଳି ଆଚ୍ଛାଦିତ ହୋଇଯାଉଛି। ମୁଖ୍ୟ ରାସ୍ତା ସହିତ ବିଦ୍ୟାଳୟ ନିକଟରେ ଯେଉଁ ଇଟାଭାଟି ରହିଛି ସେଥିରୁ ନିର୍ଗତ ଧୂଆଁ ଯୋଗୁ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଶାସନର ଜଣାତରେ ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାଟିରେ ଇଟା ପୋଡ଼ା ଆରମ୍ଭ ହୋଇଛି, କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସାଧାରଣ ଲୋକଙ୍କୁ ରାସ୍ତାରେ ଅଟକାଇ ହେଲ୍‌ମେଟ ଚେକିଂ ଆଳରେ ହଜାର ହଜାର ଟଙ୍କା ଫାଇନ ଆଦାୟ କରୁଥିବା ଜିଲା ପ୍ରଶାସନ ମାଫିଆମାନଙ୍କ ପାଇଁ ଅନୁକମ୍ପା କାହିଁକି ବୋଲି ପ୍ରଶ୍ନ ଉଠୁଛି। ଶତାଧିକ ଇଟା ଭାଟିରୁ ବିପୁଳ ରାଜସ୍ୱ କ୍ଷତି ହେଉଥିବା ବେଳେ ପ୍ରଦୂଷିତ ଧୂଆଁକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଣୁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସରକାରୀ ରାଜସ୍ୱ ଆଦାୟ କରିବା ସହ ଶିଶୁ ଶ୍ରମିକ ନିୟୋଜନ କରିଥିବା ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ପ୍ରକାଶ କୁମାର ମିଶ୍ରଙ୍କୁ ପଚାରିବାରୁ ବେନିୟମ ଇଟା ଭାଟି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

